# ଆଦିବାସୀ ମେଳାର ଚତୁର୍ଥ ସଂଧ୍ୟା

## ଜନଜାତି ମହିଳାଙ୍କ ମୁହଁରେ ହସ ଫୁଟାଇଛି ସ୍ୱୟଂ ସହାୟକ ଗୋଷ୍ଠୀ

ରାଜ୍ୟର ସହରରୁ ପଲ୍ଲୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକ୍ରମ ଜନଜାତି ବର୍ଗର ଜନସାଧାରଣଙ୍କ ଜୀବନ ଯାତ୍ରାରେ ଆଣିଛି ପରିବର୍ତ୍ତନ । ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଏହି ଗୋଷ୍ଠୀ କିପରି ସହାୟକ ହୋଇଛନ୍ତି, ତାହାର ନିଖୁଣ ଚିତ୍ର ପ୍ରତିଫଳିତ ହୋଇଛି ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାରେ । ଏଠାରେ ଯେତେ ଯେଉଁଠି ବେପାର ବାଣିଜ୍ୟର ପସରା ମେଲିଛି, ସବୁଠି ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସଂଶ୍ଲିଷ୍ଟ ଆଦିବାସୀ ମହିଳାମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ମେଳାର ବିଭିନ୍ନ ମଣ୍ଡପରେ ଆଦିବାସୀ ମହିଳାମାନେ ପାରମ୍ପରିକ ପୋଷାକ ପିନ୍ଧି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ବହୁବିଧ ଘର କରଣା ସାମଗ୍ରୀ କେବଳ ପ୍ରଦର୍ଶନ କରୁନାହାନ୍ତି, ସେ ସବୁର ବୈଶିଷ୍ଟ୍ୟ ଓ ଉପଯୋଗ ସମ୍ପର୍କରେ ଦର୍ଶକଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଚାଲିଛନ୍ତି । ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲ ଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ହୋଇଛି । ଏଠାରେ ୩୪ଟି ପିଣ୍ଡି ରହିଛି, ଯେଉଁଠାରେ ଆଇ.ଟି.ଡି.ଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଛନ୍ତି । ଏହା ଛଡ଼ା ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀ ବିଭାଗରେ ୨୮ଟି ଷ୍ଟଲ ସ୍ଥାପିତ ହୋଇଛି ଏବଂ ସେଠାରେ ମଧ୍ୟ ସେମାନଙ୍କ ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରାଯାଉଛି । ଅନେକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ଖାଦ୍ୟ ସାମଗ୍ରୀ ସହିତ ଜନଜାତି ମହିଳାମାନଙ୍କ ହାତ ତିଆରି ବହୁ ପ୍ରକାର ସୌଖୀନ ସାମଗ୍ରୀ ମଧ୍ୟ ମେଳାକୁ ଆସିଛି । ପୂର୍ବ ବର୍ଷ ଗୁଡ଼ିକରେ ଆଦିବାସୀ ମେଳାରେ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଜଙ୍ଗଲ ଜାତ ଦ୍ରବ୍ୟ ବିଶେଷ କରି ବିଶୁଦ୍ଧ ମହୁ, ହରିଡ଼ା, ବାହାଡ଼ା, ଝୁଣା, ମାଣ୍ଡିଆ, ସୋରିଷ, ବିରି, କୋଳଥ ଆଦିର ବିକ୍ରିବଟା ଚାଲିଥିଲା । କିନ୍ତୁ ଏବେ ପରିସ୍ଥିତିରେ ପରିବର୍ତ୍ତନ ଘଟିଛି ଏବଂ ଗାଁ ଗାଁରେ ଗଢ଼ି ଉଠିଛି ସ୍ୱୟଂ ସହାୟକ ଗୋଷ୍ଠୀ । ଏହା ଦ୍ୱାରା ଆଦିବାସୀ ମହିଳାମାନେ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ ହେବାକୁ ଚଳାଇଛନ୍ତି ଅବିରତ ସଂଗ୍ରାମ । ଅନ୍ୟାନ୍ୟ ପାରମ୍ପରିକ ସାମଗ୍ରୀର ଉତ୍ପାଦନ ସହ ସେମାନେ ଆଜି ମନ ବଳାଇଛନ୍ତି ପିତଳ ଗହଣା, ଧୂପକାଠି, ବେତ ତିଆରି ଜିନିଷପତ୍ର, ଆଚାର, ବଡ଼ି ଆଦି ସାମଗ୍ରୀ ଗୁଡ଼ିକର ପ୍ରସ୍ତୁତି ଆଡ଼େ । ସେହି ସବୁ ସାମଗ୍ରୀ ଗୁଡ଼ିକୁ ସାଙ୍ଗରେ ଆଣି ବଣପାହାଡ଼ ଘେରା ସୁଦୂର ଗ୍ରାମ ଅଚଂଳରୁ ସେମାନେ ଧାଇଁ ଆସିଛନ୍ତି ଆଦିବାସୀ ମେଳାକୁ ।

ପଶ୍ଚିମ ଓଡ଼ିଶାର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ମହିଳା ଏକାଠି ହୋଇ ଧାନକୁ ସିଝାଇ ଢ଼ିଙ୍କିରେ କୁଟି ପ୍ରସ୍ତୁତ କରିଛନ୍ତି ଚାଉଳ । କୋଳଥ, ମୁଗ, ବିରି ଆଦିକୁ ଭାଜି ଡାଲି ତିଆରି କରନ୍ତି । ଚାଉଳ ଓ ଡାଲିକୁ ପ୍ୟାକେଟ କରି ବଜାରରେ ବିକ୍ରି କରନ୍ତି । ସେମାନଙ୍କର ମାସିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୁଏ । ଏଥିରୁ ପ୍ରତ୍ୟେକ ସଭ୍ୟାଙ୍କ ଭାଗରେ ଆଠ ଶହରୁ ନ'ଶହ ଟଙ୍କା ପଡ଼ିଥାଏ । ଏହି ଅର୍ଥ ପରିବାରର ବେଶ୍ ଦରକାରରେ ଲାଗିଥାଏ । ବର୍ତ୍ତମାନ ରାଜଧାନୀରେ ଚାଲିଥିବା ଆଦିବାସୀ ମେଳାକୁ ସେମାନେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ଜିନିଷ ପତ୍ର ଆଣିଛନ୍ତି । ଏଭଳି ଭାବରେ ଅନେକ ଆଦିବାସୀ ମହିଳାଙ୍କ ମୁହଁରେ ଆଜି ହସ ଫୁଟିଛି କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ।

***